ସ

ଆରୋପ
ମ୍ପରକୁ
ଭବର
ପରେ
ଲ ।
ବା
ର

# ନିଶାମୁକ୍ତ ସମାଜ ଗଠନ ପାଇଁ ଭିସୁଟ୍‌ରେ ସଚେତନତା



ବୁର୍ଲା,୨୧।୮(ଆପ୍ର): ନିଶା କେବଳ ଜଣେ ବ୍ୟକ୍ତିର ଜୀବନକୁ ନଷ୍ଟ କରେନାହିଁ, ଏହା ପରିବାର ଓ ସମାଜର ଭବିଷ୍ୟତକୁ ମଧ୍ୟ ପ୍ରଭାବିତ କରେ । ଏହି ସାମାଜିକ ବ୍ୟାଧି ବିରୋଧରେ ଯୁବପିଢ଼ିଙ୍କୁ ସଚେତନ କରିବା ଲକ୍ଷ୍ୟରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ପରିସରରେ ନିଶାମୁକ୍ତି ଅଭିଯାନ ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ସାହୁ ଉପସ୍ଥିତ ରହି ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବରୁ ଦୂରେଇ ରହିବାକୁ ପ୍ରେରିତ କରିଥିଲେ । ବ୍ରହ୍ମକୁମାରୀ ସଂସ୍ଥାର ଉଷା, ଦୀପା ଓ ବାସନ୍ତୀ ଉପସ୍ଥିତ ରହି ନିଶାମୁକ୍ତ ଜୀବନ ଓ ସୁସ୍ଥ ସମାଜ ଗଠନ ନେଇ ପ୍ରେରଣାଦାୟୀ ବାର୍ତ୍ତା ଦେଇଥିଲେ । ଏ ଅବସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ସମସ୍ତେ ନିଶାଦ୍ରବ୍ୟର ବ୍ୟବହାର, ପ୍ରଚାର ଓ ପ୍ରସାରକୁ ପ୍ରୋତ୍ସାହନ ନଦେବା ସହ ଏକ ନିଶାମୁକ୍ତ, ସୁସ୍ଥ ଓ ସୁନ୍ଦର ସମାଜ ଗଠନରେ ନିଜ ଭୂମିକା ନିର୍ବାହ କରିବାକୁ ଶପଥ ନେଇଥିଲେ ।

# ନିଶାମୁକ୍ତ ଯୁବ ଭାରତ ଗଠନ ପାଇଁ ଭିସୁଟ୍‌ରେ ସାମୂହିକ ଶପଥ

ବୁର୍ଲା,୧୮।୮(ଆପ୍ର): ନିଶାମୁକ୍ତ ଯୁବ ଭାରତ ଗଠନ ଲକ୍ଷ୍ୟରେ ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ପକ୍ଷରୁ ଜାତୀୟ ନିଶା ବିରୋଧୀ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ



କୁଳପତି ପ୍ରଫେସର ଦୀପକ କୁମାର ସାହୁଙ୍କ ସମେତ ଅଧ୍ୟାପକ, ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ। ସମସ୍ତେ ନିଶାଦ୍ରବ୍ୟ ଠାରୁ ଦୂରେ ରହିବା ସହ ଏକ ସୁସ୍ଥ, ଦାୟିତ୍ୱବାନ ସମାଜ ଗଠନରେ ସହଯୋଗ କରିବାକୁ ସାମୂହିକ ଶପଥ ନେଇଥିଲେ। କୁଳପତି ପ୍ରଫେସର ସାହୁ ଛାତ୍ରଛାତ୍ରୀମାନେ ନିଶାଠାରୁ ଦୂରେ ରହି ଦାୟିତ୍ୱବାନ ନାଗରିକ ଭାବେ ନିଶାମୁକ୍ତ ଭାରତ ଗଠନରେ ଅଗ୍ରଣୀ ଭୂମିକା ନେବାକୁ ଆହ୍ୱାନ ଦେଇଥିଲେ।